## ସଂକ୍ଷେପରେ

### ପଲିଟେକ୍ନିକ୍ ଛାତ୍ରଙ୍କ ଆତ୍ମହତ୍ୟା

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥମପୁର ଥାନା ଅନ୍ତର୍ଗତ ବୈଦ୍ୟନାଥ ନଗରରେ ଥିବା ଏକ ଭଡ଼ାଘରେ ବୁଧବାର ଜଣେ ପଲିଟେକ୍ନିକ୍ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସାଗର କୁମାର ପ୍ରଧାନ(୧୭)। ବାଲେଶ୍ୱରର ମୂଳ ବାସିନ୍ଦା ସାଗରଙ୍କ ପରିବାର ଭୁବନେଶ୍ୱରରେ ରହୁଛନ୍ତି। ସାଗର ପଲିଟେକ୍ନିକରେ ମେକାନିକାଲ ୨ୟ ବର୍ଷର ଛାତ୍ର। ତାଙ୍କ ସହ ରହୁଥିବା ସହପାଠୀ ଗିରିଜା ଶଙ୍କର ପ୍ରଧାନ ବୁଧବାର ସକାଳୁ ଇଣ୍ଟରନାଲ୍ ପରୀକ୍ଷା ଦେବାପାଇଁ ଯାଇଥିଲେ। ପରୀକ୍ଷା ସାରି ଫେରିଲା ବେଳକୁ ସାଗର ଆତ୍ମହତ୍ୟା କରିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସୂଚନାଯୋଗ୍ୟ, କିଛିଦିନ ତଳେ ଆଇଜରର ଜଣେ ଛାତ୍ର ଆତ୍ମହତ୍ୟା କରିଥିଲେ। ତାହା ପୂର୍ବରୁ ଜଣେ ଡାକ୍ତରୀ ଛାତ୍ରୀ ମଧ୍ୟ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ଅଭିଭାବକ ମହଲରେ ଉଦବେଗ ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ପାଠ ପଢା ବୋଝ ନା ଅନ୍ୟ କୌଣସି କରଣରୁ ଏଭଳି ଭାବେ ଆତ୍ମହତ୍ୟା କରୁଛନ୍ତି ତାହାର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### କ୍ୟାମ୍ପସରେ ଧାରା ୧୪୪ ଲାଗୁ ହୋଇଥିବା ଗୁଜବ
#### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର,୧୧।୧୦(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଧାରା ୧୪୪ ଲାଗୁ କରାଯାଇ ଅବାଧ ପ୍ରବେଶ ନିଷେଧ ହୋଇଥିବା ନେଇ ଭଞ୍ଜବିହାର, ଗୋପାଳପୁର ସମେତ ବ୍ରହ୍ମପୁର ସହରରେ ଗୁଜବ ସୃଷ୍ଟି ହୋଇଛି। ଏହି ଖବର ହ୍ୱାଟ୍ସଅପ ଗ୍ରୁପରେ ପ୍ରସାରିତ ହୋଇଥିଲା। ଖବର ସତ୍ୟତା ଓ ଧାରା ୧୪୪ ଲାଗୁ ହେବାର କାରଣ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଜାଣିବା ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ କୁଳପତି ବ୍ୟବସ୍ଥା କାରଣରୁ ଯୋଗାଯୋଗ ସମ୍ଭବ ପର ହୋଇନଥିଲା। ଅନ୍ୟପକ୍ଷରେ ପିଜ କାଉନସିଲ ଚେୟାରମ୍ୟାନ ପ୍ରଫେସର ସୁଶାନ୍ତ କୁମାର ବରାଳଙ୍କୁ ପଚାରିବାରେ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଥିଲେ। ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଗଣଯୋଗଯୋଗ ବିଭାଗର ଅଧ୍ୟାପିକା ବନ୍ଦିତା ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ଏଭଳି ମିଛ ଗୁଜବ କେହି ଜଣେ ପ୍ରଚାର କରିଛନ୍ତି ବୋଲି କହିଛନ୍ତି।

### ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ରେଡ୍‌କ୍ରସ୍ ବ୍ରେଲ ପ୍ରେସ୍ ପରିଦର୍ଶନ

ବ୍ରହ୍ମପୁର,୧୧।୧୦(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ବୁଧବାର ବ୍ରହ୍ମପୁର ରେଡକ୍ରସ ବ୍ରେଲ ପ୍ରେସ ପରିଦର୍ଶନ କରିଛନ୍ତି। ପ୍ରାୟ ୧କୋଟି ଟଙ୍କାର ଅତ୍ୟାଧୁନିକ ଯନ୍ତ୍ରଙ୍କୁ ସେ ଦେଖିବା ସହ ସେ ପ୍ରେସ ଓ କୋଠାର ଉଦଘାଟନ ନେଇ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ଆମ୍ଭପୁଆ ଦୃଷ୍ଟିହୀନ ମୂକ ଓ ବଧିର ବିଦ୍ୟାଳୟକୁ ଯାଇ ୫ଟି ରୂପାନ୍ତରୀକରଣ କାର୍ଯ୍ୟ ତଦାରଖ କରିଥିଲେ। ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ ଓ ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ପ୍ରେସ ମ୍ୟାନେଜର ପ୍ରକାଶ ରଥ ଉପସ୍ଥିତ ଥିଲେ।

# ୬୦ବର୍ଷ ହେଲା ଗୋଟିଏ ପରିବାର ଗଢୁଛନ୍ତି ମୂର୍ତ୍ତି

ବ୍ରହ୍ମପୁର,୧୧।୧୦
(ସ୍ମୃତି ରଞ୍ଜନ ମହାଲିକ)

**ବାରାକ୍ସ ଦୁର୍ଗା ପୂଜା ମଣ୍ଡପ**

ଦୁର୍ଗା ପୂଜା ପାଇଁ ରେଶମ ସହର ବ୍ରହ୍ମପୁର ଚଳଚଞ୍ଚଳ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। ସହରର ବାରାକ୍ସ ଛକରେ ହେଉଥିବା ପୂଜା ଚଳିତବର୍ଷ ୬୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ବାରାକ୍ସ ଦୁର୍ଗା ପୂଜା କମିଟି ପକ୍ଷରୁ ମା'ଙ୍କୁ ଆବାହନ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛି।

ବାରାକ୍ସ ଛକରେ ପ୍ରଥମ କରି ୧୯୬୩ରେ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ଅର୍ଜୁନ ମହାରଣା ଓ ଅରକ୍ଷିତ ପାତ୍ରଙ୍କ ଉଦ୍ୟମରେ ପୂଜା ଆରମ୍ଭ ହୋଇଥିଲା। ୨୦୧୦ ଯାଏ ବାରାକ୍ସ ଛକରେ ପୂଜା ହୋଇ ଆସୁଥିଲା। ପରେ ସେହି ସ୍ଥାନରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିବାରୁ ମା'ଙ୍କ ମଣ୍ଡପ ପରିବର୍ତ୍ତନ କରାଯାଇ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ପୂଜା ହେଲା। ୨୦୧୧ରୁ ୨୦୨୨ ପର୍ଯ୍ୟନ୍ତ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ମା'ଙ୍କୁ ପୂଜା କରାଗଲା। ଚଳିତବର୍ଷ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ବହୁତଳ ପାର୍କିଂ କମ୍ପ୍ଲେକ୍ସ ନିର୍ମାଣ ହେଉଥିବା କାରଣରୁ ପୁଣିଥରେ ମୂଳ ଆସ୍ଥାନ ବାରାକ୍ସ ଛକରେ ପୂଜା ମଣ୍ଡପ ହୋଇଛି। ଏହାକୁ ନେଇ ବହୁ ଶ୍ରଦ୍ଧାଳୁ ଓ କମିଟି ସଦସ୍ୟମାନେ ଖୁସି ବ୍ୟକ୍ତ କରିଛନ୍ତି। ପୁରୁଣା ବସ୍‌ଷ୍ଟାଣ୍ଡ ଟ୍ୟାକ୍ସି ଆସୋସିଏଶନ ଓ ସ୍ଥାନୀୟ ବ୍ୟବସାୟୀଙ୍କ ସହଯୋଗରେ ପୂଜା କରାଯାଉଛି। ଢେଙ୍କାନାଳର କାରିଗରଙ୍କ ଦ୍ୱାରା ୫୭ ଫୁଟ ଉଚ୍ଚତା ବିଶିଷ୍ଟ ତୋରଣ ନିର୍ମାଣ ଚାଲିଛି। ସେହିପରି କୋଲକତାର କାରିଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ ଚାଲିଛି। ମୂର୍ତ୍ତିର ଉଚ୍ଚତା ୧୩ ଫୁଟ ରହିଛି। ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ଏଠାରେ ମା'ଙ୍କ ନବରାତ୍ର ପୂଜା ଆରମ୍ଭ ହେବ। ପ୍ରତିଦିନ ଚଣ୍ଡିପାଠ, ହୋମଯଜ୍ଞ କରାଯିବ। ଏଥିସହ ପ୍ରତ୍ୟେହ ୨୦୦ରୁ ୩୦୦ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦ କରାଯିବ। କମିଟି ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ମେଲୋଡି ଓ ଭଜନ ସମାରୋହ କରାଯିବ। ଆଞ୍ଚଳିକ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ ହେବ। ପୂଜା କମିଟି ସଂପାଦକ ବାବୁଲା ପାତ୍ର, ଉପଦେଷ୍ଟା ଶିବରାମ ସାହୁ, ଉପସଭାପତି ପ୍ରମୋଦ କୁମାର ପଣ୍ଡା ଓ କୋଷାଧ୍ୟକ୍ଷ ବସନ୍ତ କୁମାର ପଣ୍ଡାଙ୍କ ସମେତ ବହୁ ସଦସ୍ୟ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।


ମୂର୍ତ୍ତି ନିର୍ମାଣ ଚାଲିଛି।



" ଏଠାରେ ଆରମ୍ଭରୁ କୋଲକତାର ଗୋଟିଏ ପରିବାର ଦ୍ୱାରା ମୂର୍ତ୍ତି ନିର୍ମାଣ କରାଯାଉଛି। କୋଲକତାର ମାଣିକ ସରକାରଙ୍କ ପରିବାର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ଦୀର୍ଘଦିନ ଧରି ମା'ଙ୍କ ମୂର୍ତ୍ତିଗଢା କାର୍ଯ୍ୟରେ ନିୟୋଜିତ ଥିବାରୁ ସେମାନେ ଖୁସି ପ୍ରକାଶ କରନ୍ତି। ଆଗାମୀ ଦିନରେ ମଧ୍ୟ ସେମାନଙ୍କ ପରିବାରବର୍ଗ ମୂର୍ତ୍ତି ନିର୍ମାଣ କରିବେ। ପୂଜା କାର୍ଯ୍ୟରେ ରିତିନୀତିକୁ ଅଧିକ ଗୁରୁତ୍ୱ ଦିଆଯିବ। ଭଡ଼କୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ସ୍ୱେଚ୍ଛାସେବୀ ନିୟୋଜିତ କରାଯିବ। ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟ ରହିବ।

**–ଦୁର୍ଗା ପ୍ରସାଦ ପଣ୍ଡା, ପୂଜା କମିଟି ସଭାପତି**


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ସୌମ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


## ଆମ ବିତରକ: ଖବରକାଗଜ ବିକ୍ରି ବଞ୍ଚିବା ରାହା ଦେଇଛି

ବ୍ରହ୍ମପୁର,୧୧।୧୦(ଅଶୋକ କୁମାର ସାହୁ)


ଖବରକାଗଜ ବିତରକ ଆର. ଲିଙ୍ଗରାଜ ଆଚାରୀ।

ବ୍ରହ୍ମପୁର ରେଲୱେ ଷ୍ଟେଶନ ନିକଟରେ ଖବର କାଗଜ ବିକ୍ରୟ କେନ୍ଦ୍ର ଥିଲା। କୌଣସି କାରଣରୁ ଏବେ ଗୀତା ଭବନ ନିକଟକୁ ଘୁଞ୍ଚି ଯାଇଛି। ସହରର ଖବରକାଗଜ ବିତରକମାନେ ଆସି ସେଠାରୁ ଖବରକାଗଜ ନେଇ ଘର ଘର ବୁଲି ବାଣ୍ଟନ୍ତି। ବୁଧବାର ଆମେ ଭେଟିଥିଲୁ ଆର.ଲିଙ୍ଗରାଜ ଆଚାରୀ ନାମକ ଜଣେ ବୟୋଜ୍ୟେଷ୍ଠ ବିତରକଙ୍କୁ। ସେ ୨୫ବର୍ଷ ହେଲା ଖବରକାଗଜ ବିକ୍ରି କରଛନ୍ତି। ଗିରିଜା ଛକରେ ଲଟେରି ଦୋକାନ ଥିଲାବେଳେ ବସଷ୍ଟାଣ୍ଡରୁ ଖବରକାଗଜ ନେଇ ବିକ୍ରି କରୁଥିଲେ। ଏବେ ଘର ଘର ବୁଲି ଖବରକାଗଜ ବାଣ୍ଟୁଛନ୍ତି। ପ୍ରଥମେ ୨୫ କାଗଜରୁ ସେ ବ୍ୟବସାୟ ଆରମ୍ଭ କରିଥିବା ବେଳେ ଏବେ ୨୫୦ରେ ପହଞ୍ଚିଛି। ଖବରକାଗଜର ଭବିଷ୍ୟତ ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଡିଜିଟାଲ ଯୁଗ। ଇ–ପେପର ଓ ପୋର୍ଟାଲରେ ନ୍ୟୁଜ୍ ଆସୁଥିବାରୁ ଲୋକେ ମୋବାଇଲ ଫୋନ୍‌ରେ ପଢୁଛନ୍ତି। ବରିଷ୍ଠ ନାଗରିକମାନେ ଖବରକାଗଜ ପଢ଼ିବାକୁ ଅଧିକ ପସନ୍ଦ କରୁଛନ୍ତି। ମୋବାଇଲ ଫୋନ୍ କେବେ ବି ଖବରକାଗଜର ସ୍ଥାନ ନେଇ ପାରିବନି। ଖବରକାଗଜ ବିକ୍ରି ବଞ୍ଚିବାର ରାହା ଯୋଗାଇଛି ବୋଲି ଲିଙ୍ଗରାଜ କହିଛନ୍ତି।

# ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ଐତିହାସିକ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଓ ଅନ୍ୟମାନେ।

ବ୍ରହ୍ମପୁର,୧୧।୧୦ (ନରସିଂହ ସାହୁ)

**ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀଙ୍କ ଖବରଦାତା ସମ୍ମିଳନୀ**

ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ ପାଇଁ ବିଧେୟକ ପାର୍ଲାମେଣ୍ଟର ଉଭୟ ଗୃହରେ ପାରିତ ହୋଇଯାଇଛି। ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ଏହା ଐତିହାସିକ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଇନ ବଳରେ ମହିଳାଙ୍କୁ ରାଜନୈତିକ ଓ ସାମାଜିକ ନ୍ୟାୟ ମିଳିଛି ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ଼. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି। ଏହାଫଳରେ ମହିଳମାନେ ରାଜନୈତିକ ଅଧିକାର ସାବ୍ୟସ୍ତ କରିବାର ବାଟ ଫିଟିଥିବା ବୁଧବାର ବ୍ରହ୍ମପୁର ଗସ୍ତରେ ଆସିଥିବା ଡ଼. ବିଶ୍ୱାଳ ଖବରଦାତା ସମ୍ମିଳନୀରେ କହିଛନ୍ତି। ୨୦୨୪ ନିର୍ବାଚନରେ ରାଜ୍ୟରେ ଭାଜପା ୩୩% ମହିଳାଙ୍କୁ ପ୍ରାର୍ଥୀ କରିବ କି ବୋଲି ଧରିତ୍ରୀ ପକ୍ଷରୁ ହୋଇଥିବା ପ୍ରଶ୍ନର ଉତ୍ତରରେ ଐଶ୍ୱର୍ଯ୍ୟା କହିଛନ୍ତି ପାର୍ଟି ପଦକ୍ଷେପ ନେବ ବୋଲି ସେ ଆଶାବାଦୀ ହୋଇଛନ୍ତି। ତେବେ ମହିଳା ମୋର୍ଚ୍ଚା ପ୍ରସ୍ତାବ ଆଗତ କରିବ ବୋଲି ସେ ସୂଚନା ଦେଇଛନ୍ତି। ଓଡ଼ିଶାରେ ନାରୀ ନିର୍ଯାତନା ବଢ଼ି ଚାଲିଥିବା ଉପସ୍ଥିତ ଥିବା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ବବିତା ପାତ୍ର ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଆଗାମୀ ଦିନରେ ରାଜ୍ୟ ସାରା ଆନ୍ଦୋଳନ କରାଯିବା ବୋଲି ଚେତାବନୀ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ସାଧାରଣ ସମ୍ପାଦିକା ଅନୁଜାନନ୍ଦ ବିଶ୍ୱାଳ, ବର୍ଷା ବିଦ୍ୟୁସ୍ମିତା ପାଳ, କର୍ପୋରେଟର ବନିତା ସାହୁ, ସବିତା ସାହୁଙ୍କ ସମେତ ପ୍ରେମଶିଳା ନନ୍ଦ, ସବିତା ନାୟକ, ସସ୍ମିତା ବିଶ୍ୱାଳ, ରଶ୍ମିତା ଶତପଥୀ, ସନ୍ତୋଷୀ ଦାସଙ୍କ ସମେତ ଅନେକ ମୋର୍ଚ୍ଚା ନେତ୍ରୀ ଉପସ୍ଥିତ ଥିଲେ। ରାଜ୍ୟ ସଭାନେତ୍ରୀଙ୍କ ଏହା ପ୍ରଥମ ଗସ୍ତ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ଭାଜପା ଉପସଭାପତି ସୁନୀଲ ସାହୁ ଓ ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

## ଲୋକ ନାୟକଙ୍କ ଜୟନ୍ତୀରେ ବିଜେଡିର ପଦଯାତ୍ରା

ବ୍ରହ୍ମପୁର,୧୧।୧୦(ନରସିଂହ ସାହୁ)–

ବ୍ରହ୍ମପୁର ବିଜେଡି ପକ୍ଷରୁ ବୁଧବାର ଲୋକ ନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅପରାହ୍ନରେ ଟାଉନ ହଲ ରୋଡରୁ ବିଶାଳ ଜନ ସମ୍ପର୍କ ପଦଯାତ୍ରା ବାହାରି ଏସବିଆଉ ଛକ, ସିଟି ହସ୍ପିଟାଲ ରୋଡ, ଗେଟବଜାର ଓ ଲୋଚାପଡ଼ା ରୋଡ଼ ଦେଇ ରେଡ଼ିଓ ଷ୍ଟେଶନ ଛକକୁ ଯାଇଥିଲା। ନବୀନ ପଟ୍ଟନାୟକ ସରକାରଙ୍କ ବହୁମୁଖୀ ବିକାଶ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ସନ୍ଧ୍ୟାରେ ସାଧାରଣ ସଭା ହୋଇଥିଲା।

ପଦଯାତ୍ରାରେ ରାଜ୍ୟସଭା ଏମପି ତଥା ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଶିବ ଶଙ୍କର ସାହାଣୀ, ମେୟର ସଂଘମିତ୍ରା ଦଳେଇ, ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣ, ଡେପୁଟି ମେୟର ବିବେକ ରେଡ଼ି, ମହିଳା ବିଜେଡି ନେତ୍ରୀ ମମତା ବିଶୋଇ, ସୋନାଲି ଗନ୍ତାୟତ, ପୂର୍ବତନ ମେୟର କେ. ମାଧବୀ, ମହାନଗର ବିଜେଡି ସଭାପତି ବିଜୟ ସାମଲଙ୍କ ସମେତ ବିଏମସିର ଦଳୀୟ କର୍ପୋରେଟରମାନେ ସାମିଲ ହୋଇଥିଲେ। ଜିଲ୍ଲା ସଂଗଠନର ଉପସଭାପତି ସଞ୍ଜିତ ପାଣିଗ୍ରାହୀ, ଭୀମସେନ ଦଳେଇ ଓ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଶତାଧିକ ମହିଳା, ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ। ସଭାରେ ବିଧାୟକ ଓ ମେୟରଙ୍କ ସମେତ ଅନ୍ୟମାନେ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ସମ୍ପର୍କରେ ବଖାଣିଥିଲେ।

## ୨ ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ପୂର୍ବତନ ମେୟର ପିଣ୍ଟୁଙ୍କୁ ହତ୍ୟା ଯୋଜନା ହୋଇଥିଲା: ଏସ୍‌ପି**

ବ୍ରହ୍ମପୁର ମହାନଗର ନିଗମ(ବିଏମସି)ର ପୂର୍ବତନ ମେୟର୍ ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ଗାଡ଼ି ଉପରକୁ ଗତ ୨୯ ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ଘଟଣାସ୍ଥଳରୁ ମିଳିଥିବା ସିସିଟିଭି ଫୁଟେଜରୁ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିଥିଲା। ମୋଟ ୫ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୨ ମାଷ୍ଟରମାଇଣ୍ଡ ହେଲେ ଗୋଷାଣିନୁଆଗାଁ ଆଡୁଆ ସାହିର ସନ୍ତୋଷ କୁମାର ସାହୁ ଓରଫ ଡାକ୍ତର ଓ ଶାସ୍ତ୍ରୀନଗରର ସୁନୀଲ କୁମାର ସାହୁ ଓରଫ ସାନି। ଗାଡ଼ି ଉପରକୁ ବୋମା ଫିଙ୍ଗିଥିବା କୋଦଳା ଥାନା ଫାସୀ ଗ୍ରାମର ଶିବ ଜେନା, ସଦର ଥାନା ଅନ୍ତର୍ଗତ ଲାଠୀ ଗ୍ରାମର ମହେଶ୍ୱର ମହାରଣା ଓ ଗୋଷାଣିନୁଆଗାଁ ପାଣିଗ୍ରାହୀ ସାହିର ନିଳାଞ୍ଚଳ ପାଳଙ୍କୁ ମଧ୍ୟ ଗିରଫ କରାଯାଇଛି। ୨ ମୁଖ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ସଂଗ୍ରହ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଏସପି ଡ. ସର୍ବଣା ବିବେକ ଏମ. ସୂଚନା ଦେଇଛନ୍ତି। ପୂର୍ବରୁ ପିଣ୍ଟୁ ଦାଶଙ୍କ ସହଯୋଗୀ ଶାନ୍ତି ମିଶ୍ର ହତ୍ୟା ମାମଲାରେ ସନ୍ତୋଷ ଓ ସୁନୀଲ ଗିରଫ ହୋଇଥିଲେ। ପରେ ସେମାନେ ଜାମିନରେ ଆସିଛନ୍ତି। ଶାନ୍ତି ମିଶ୍ର ହତ୍ୟା ମାମଲାର ଅଭିଯୁକ୍ତମାନେ ଯେପରି ଦୋଷୀ ସାବ୍ୟସ୍ତ ହେବେ ସେ ନେଇ ପିଣ୍ଟୁ ଦାଶ ଚେଷ୍ଟା କରୁଛନ୍ତି। ତେଣୁ ତାଙ୍କୁ ହତ୍ୟା କରିବା ପାଇଁ ଅଭିଯୁକ୍ତମାନେ ବ୍ଲୁ –ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଦୁଇ ମାଷ୍ଟରମାଇଣ୍ଡ ୧ ମାସ ହେଲା ତାଙ୍କୁ ପିଛା କରୁଥିଲେ। ୨୯ ତାରିଖ ରାତିରେ ପିଣ୍ଟୁ ଦାଶ କାରରେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ବୋମାମାଡ କରିଥିଲେ। ଏହି ଘଟଣାରେ ଫେରାର ଥିବା ୨ଜଣଙ୍କୁ ଖୁବଶୀଘ୍ର ଧରାଯିବା ବୋଲି ଏସ୍‌ପି କହିଛନ୍ତି।

# କାରଣ ଦର୍ଶାଅ ନୋଟିସ ଜାରି କଲେ ମେଡିକାଲ ଅଧୀକ୍ଷକ

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ଏମ୍‌କେସିଜିରୁ ରୋଗୀଙ୍କୁ ଘରୋଇ ନର୍ସିଂହୋମ ଚାଲାଣ ଘଟଣା**

ଏମକେସିଜ ମେଡିକାଲ୍‌ରୁ ରୋଗୀଙ୍କୁ ଅସ୍ଥିଶଲ୍ୟ ବିଭାଗର ଜଣେ ଡାକ୍ତର ନର୍ସିଂହୋମକୁ ଚାଲାଣ କରୁଥିବା ଅଭିଯୋଗର ତଦନ୍ତ ହୋଇଛି। ସିସିଟିଭି ଫୁଟେଜ୍ ଯାଞ୍ଚରୁ ଜଣାପଡିବା ପରେ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଏମକେସିଜି ଅଧୀକ୍ଷକ ପ୍ରଫେସର ଡା.ସୁଚିତ୍ରା ଦାଶ। ସେ ନୋଟିସର ଉତ୍ତର ଦେଇ ନ ଥିବା କହିଛନ୍ତି ଡା.ଦାଶ। ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଗତ ୯ତାରିଖରେ ଏକ ଚିଠି କରି ସିନିୟର ରେସିଡେଣ୍ଟ ଡାକ୍ତରଙ୍କୁ ପ୍ରାଇଭେଟ୍ ପ୍ରାକ୍ଟିସ୍ ପାଇଁ ମନା କରିଛନ୍ତି। ଏହାସହ କୌଣସି ରୋଗୀଙ୍କୁ ବାହାର ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇପାରିବେ ନାହିଁ ବୋଲି ଲେଖିଛନ୍ତି। ବାହାରକୁ ନେବାକୁ କହୁଥିବା ଜଣାପଡିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଧୀକ୍ଷକ କହିଛନ୍ତି।

# ନାବାଳକଙ୍କୁ ହତ୍ୟା କରିଥିଲେ ପଡ଼ୋଶୀ

ବ୍ରହ୍ମପୁର,୧୧।୧୦(ସୁବାସ ଚନ୍ଦ୍ର ପାଢ଼ୀ)

**ଜମିବିବାଦ କାରଣ, ପଲିଗ୍ରାଫ ଟେଷ୍ଟରୁ ଅଭିଯୁକ୍ତ ଚିହ୍ନଟ**


ଗିରଫ ଅଭିଯୁକ୍ତ ନାଥ ଦାସ୍।

ବ୍ରହ୍ମପୁର ପୋଲିସ ଜିଲ୍ଲା ଅଧୀନ ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁର ନିକଟ ବାଉରି କମାପଲ୍ଲୀରେ ଗତ ମେ ମାସରେ ନାବାଳକ ଶିବ ଦାସ (୭)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ମିଳିଥିବା ସୁରାକ୍ ଏବଂ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ସନ୍ଦେହରେ ପୋଲିସ କେତେଜଣଙ୍କ ପଲିଗ୍ରାଫ (ମିଛ ଧରିବା ପାଇଁ ପରୀକ୍ଷା) ଟେଷ୍ଟ କରିଥିଲା। ଉକ୍ତ ରିପୋର୍ଟ ମିଳିବା ପରେ ଅଭିଯୁକ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ପ୍ରତ୍ୟେକ୍ଷଦର୍ଶୀ ରହିଥିବା ଅଭିଯୁକ୍ତଙ୍କ ନାତିର ବୟାନକୁ ଆଧାର କରି ପୋଲିସ ଅଭିଯୁକ୍ତ ନାଥ ଦାସ (୬୦)ଙ୍କୁ ଗିରଫ କରିଛି। ସେ ହେଉଛନ୍ତି ମୃତ ନାବାଳକଙ୍କ ପଡୋଶୀ। ନାବାଳକଙ୍କ ବାପା ବାଲ୍ମୀକି ଦାସଙ୍କ ସହ ନାଥଙ୍କର କୌଣସି ଏକ ଜମିକୁ ନେଇ ବିବାଦ ଲାଗିରହିଥିଲା। ଘଟଣା ଦିନ ସେ ଏକ ଟାୱାଲରେ ଶିବଙ୍କ ତଣ୍ଟିଚିପି ହତ୍ୟା କରିଥିବା ଜେରା ବେଳେ ସ୍ୱୀକାର କରିଛନ୍ତି। ହତ୍ୟାରେ ବ୍ୟବହୃତ ଗାମୁଛାକୁ ନାଥ ଏକ ଛେଳି ଗୁହାଳରେ ଲୁଚାଇ ରଖିଥିବା ବେଳେ ପୋଲିସ ତାହାକୁ ଜବତ କରିଛି। ସୂଚନା ମୁତାବକ, ଗତ ମେ ୧୪ ଅପରାହ୍ନ ପ୍ରାୟ ୫ଟାରେ ବାଉରି କମାପଲ୍ଲୀର ବାଲ୍ମୀକିଙ୍କ ପୁଅ ଶିବ ଅଚେତ ଅବସ୍ଥାରେ ଛାତ ଉପରେ ପଡିଥିଲେ। ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଅର ସନ୍ଦେହଜନକ ମୃତ୍ୟୁ ନେଇ ବାଲ୍ମୀକି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅପମୃତ୍ୟୁ ମାମଲା (୧୩/୨୩)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରୁ ଶିବଙ୍କୁ କୌଣସି କପଡ଼ାରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ପୋଲିସ ଅପମୃତ୍ୟୁ ମାମଲାକୁ ହତ୍ୟା ମାମଲା (୨୧୭/୨୩)ରେ ରୂପାନ୍ତର କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଜଣେ ପ୍ରତ୍ୟକ୍ଷଦର୍ଶୀ ପାଖରେ ପହଞ୍ଚିଥିଲା। ପ୍ରତ୍ୟକ୍ଷଦର୍ଶୀ ପୋଲିସକୁ ସେ ଦେଇଥିବା ବୟାନ ମୁତାବକ, ଘଟଣାଦିନ ସେ ଛାତ ଉପରକୁ ଗଲାବେଳେ ତାଙ୍କ ଅଜା ନାଥ ଦାସ ଶିବଙ୍କ ବେକରେ ଟାୱାଲ୍ ବାନ୍ଧି ମାରିବାକୁ ଉଦ୍ୟମ କରୁଥିଲେ। ଶିବଙ୍କ ମୃତ୍ୟୁହେବା ପରେ ମୃତଦେହକୁ ନେଇ ପଡ଼ିଶା ଘରେ ତାଙ୍କ ଛାତ ଉପରେ ପକାଇ ଦେଇ ଆସି ଏ ସମ୍ପର୍କରେ କାହାକୁ କିଛି ନ କହିବା ପାଇଁ ତାଙ୍କୁ ଧମକ ଦେଇଥିଲେ ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି।

# ମଣ୍ଡପରେ ଲାଗିବ ସିସିଟିଭି, ଭସାଣିରେ ବାଣ ଫୁଟିବନି

ବ୍ରହ୍ମପୁର,୧୧।୧୦(ସ୍ମୃତି ରଞ୍ଜନ ମହାଲିକ)

- ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ
- ହୁକ ପକାଇ ବିଦ୍ୟୁତ୍ ନେଲେ କାର୍ଯ୍ୟାନୁଷ୍ଠାନ



ବୈଠକରେ ଉପସ୍ଥିତ ବ୍ରହ୍ମପୁର ଉପଜିଲାପାଳ ଓ ଟାଉନ ଏସଡିପିଓ।

ଶାରଦୀୟ ଦୁର୍ଗା ପୂଜା କିଭଳି ସୁରୁଖୁରୁରେ ହେବ ସେ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବୈଠକରେ ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଟାଉନ ଏସଡିପିଓ ରାଜୀବ ଲୋଚନ ପଣ୍ଡା ଉପସ୍ଥିତ ଥିଲେ। ବୈଠକରେ ପୂଜା ନିମନ୍ତେ ବିଦ୍ୟୁତ, ଅଗ୍ନି ନିରାପତ୍ତା, ମାଇକ, ଭସାଣି ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ଅନୁମତି ନେବା ସଂପର୍କରେ ଆଲୋଚନା ହୋଇଥିଲା। ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ରହିବ। ଏଠାରେ ଅଗ୍ନିଶମ ବିଭାଗ ଓ ଟିପିଏସଓଡିଏଲର ୨ ଜଣ କର୍ମଚାରୀ ରହିବେ। ସେଠାରେ ଅନଲାଇନ ମାଧ୍ୟମରେ କମିଟି ପକ୍ଷରୁ ବିଦ୍ୟୁତ ଓ ଅଗ୍ନି ନିର୍ବାପକ ଅନୁମତି ନିମନ୍ତେ ଆବେଦନ କରିହେବ। ଆସନ୍ତା ୧୩ ଓ ୧୪ ତାରିଖରେ କମିଟି ପକ୍ଷରୁ ଅନଲାଇନରେ ଆବେଦନ କରିପାରିବେ ବୋଲି ଉପଜିଲାପାଳ କହିଥିଲେ।

ଟାଉନ ଏସଡିପିଓ କହିଥିଲେ, ପୂଜାକୁ ଦୃଷ୍ଟିରେ ରଖି ସହରରେ ଟ୍ରାଫିକ ନିୟନ୍ତ୍ରଣ ପ୍ରତି ଅଧିକ ଗୁରୁତ୍ୱ ଦିଆଯିବ। ଏଥିସହ ୩୦ ପୋଲିସ ଆକ୍ଟ ଜାରି କରାଯିବ। ଆଗାମୀ ଦିନରେ ପୂଜା ମଣ୍ଡପ ନିମନ୍ତେ ନିର୍ଦ୍ଦିଷ୍ଟ ସ୍ଥାନ ନିର୍ଦ୍ଧାରଣ କରିବା ଓ ତୋରଣ ଗୁଡିକ ୨୦ ଫୁଟ ଉଚ୍ଚତା ରଖିବା ପାଇଁ ଏସଡିପିଓ କହିଥିଲେ। ଆସନ୍ତା ୨୫ ତାରିଖରେ ଭସାଣି ହେବ। ରାତି ୧୦ଟା ମଧ୍ୟରେ ସମସ୍ତ ମେଢ଼ ବିସର୍ଜନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନିକଟସ୍ଥ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ଭସାଣି ସମୟରେ ବାଣ ଫୁଟାଇବେ ନାହିଁ। ଭସାଣିକୁ ଦୃଷ୍ଟିରେ ୨୨ରୁ ୨୫ ତାରିଖ ଦିନ ସହରର ମଦ ଦୋକାନ ବନ୍ଦ ରହିବା ନେଇ ସୂଚନା ଦିଆଯାଇଥିଲା। ପୂଜା ମଣ୍ଡପ ଗୁଡିକରେ ବିଏମସି ପକ୍ଷରୁ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଆଯିବ। ପୂଜା ମଣ୍ଡପ ଗୁଡିକରେ ହୁକ ପକାଇ ବିଦ୍ୟୁତ ନେବା ପାଇଁ ଟିପିଏସଓଡିଏଲ ପକ୍ଷରୁ ବାରଣ କରାଯାଇଛି। କେହି ନିୟମ ଉଲଂଘନ କଲେ ଟିପିଏସଓଡିଏଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଣ୍ଡପ ଗୁଡିକରେ ସିସିଟିଭି କ୍ୟାମେରା ଖଞ୍ଜାଯିବା ସହ ୬୦ ଡେସିମିଲ ମଧ୍ୟରେ ମାଇକସାଉଣ୍ଡ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ହେଲ୍ପ ଲାଇନ ଜାରି କରାଯିବ। ଏହି ନମ୍ବର ବିଏମସି ଏଲଇଡିରେ ପ୍ରଦର୍ଶିତ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ୪୧ଟି ପୂଜା କମିଟିର ସଦସ୍ୟ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

